# ପିଲାଙ୍କ ଧରିତ୍ରୀ

ଶନିବାର, ୧୦ ନଭେମ୍ବର, ୨୦୧୮


୩ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ, ଗୋହିରା ଆନନ୍ଦପୁର






୭ କମ୍ ବୟସରେ ବଡ଼ ସଫଳତା



୮ ଆଇନା

ଶିଶୁ ଦିବସ କେଉଁଠି କେବେ ୬





## ଖୁଲିଖୁଲି ହସ

✲ ସ୍କୁଲ୍‌ରେ ଶିକ୍ଷକ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ–ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ ତେବେ ତା'ର ପରିଣାମ କ'ଣ ହେବ ? ଛାତ୍ର ଜଣକ ଉତ୍ତର ଦେଲେ–ସାର୍ ! ଆମ ଇତିହାସ ବହିରେ ଆଉଗୋଟେ ବିଷୟ ପାଠ ବଢ଼ିଯିବ।

✲ ଜଣେ ଭଦ୍ର ବ୍ୟକ୍ତି ଫଟୋଗ୍ରାଫରକୁ କହିଲେ–ଆରେ, ଏ କ'ଣ ? ଏହି ଫଟୋରେ ମୁଁ ଦଶବର୍ଷ ବଡ ଦେଖାଯାଉଛି। ଫଟୋଗ୍ରାଫର(ହସିକି କହିଲେ)–ଆଜ୍ଞା, ଏଥିରେ ଆପଣଙ୍କର ଫାଇଦା, ଦଶବର୍ଷ ପରେ ଫଟୋ ଉଠାଇବା ଦରକାର ନାହିଁ।

✲ ବାପା ପୁଅକୁ ପଚାରିଲେ–ଆରେ ରାମୁ, ମାଛି ଓ ହାତୀ ମଧ୍ୟରେ ଫରକ କ'ଣ ?
ରାମୁ: ବାପା, ହାତୀର ଶୁଣ୍ଢ ଅଛି, ହେଲେ ମାଛିର ପର ଅଛି, ହାତୀର ପର ନାହିଁ।
ବାପା: ଠିକ୍ ଉତ୍ତରଟା କହ ?
ରାମୁ: ଠିକ୍ ଉତ୍ତରଟା ହେଲା–ମାଛି ହାତୀ ଉପରେ ବସି ପାରିବ, କିନ୍ତୁ ହାତୀ ମାଛି ଉପରେ ବସି ପାରିବ ନାହିଁ।

# ଶିଶୁ ଦିବସ

ମୀନତି ସାହୁ

ସ୍କୁଲ ଘଣ୍ଟା ବାଜିଲା। ପିଲାମାନେ ଧାଡ଼ି ହୋଇ ଗେଟ୍ ବାହାରକୁ ଆସି ନିଜ ନିଜ ଘରକୁ ଚାଲିଗଲେ। ପଙ୍କଜ ଓ ରାଜେଶ ଦୁଇ ସାଙ୍ଗ ବାଟରେ ଯାଉଥିଲେ। ରାଜେଶ ପଚାରିଲା– ଆରେ ପଙ୍କଜ, ସାର୍ ଆଜି କହୁଥିଲେ ଶିଶୁ ଦିବସ ସ୍କୁଲରେ ପାଳନ ହେବ। ସମସ୍ତେ ପରିଷ୍କାର ପରିଚ୍ଛନ୍ନ ହୋଇ ଆସିବ। ଆଉ ଯିଏ ଯାହା ଜାଣିଛ ସେ ସମ୍ପର୍କରେ ଭାଷଣ ଦେବ। ମୁଁ ତ ସେମିତି କିଛି ଶିଶୁ ଦିବସ ବିଷୟରେ ଜାଣିନି। ତୁ ଜାଣିଛୁ କି ? ପଙ୍କଜ କହିଲା– ନା, ମୁଁ ବି କିଛି ଜାଣିନି। ଚାଲ୍ ଆମେ ଘରେ ପହଞ୍ଚି ଜେଜେଙ୍କୁ ପଚାରିବା, ସିଏ ଜାଣିଥିବେ। ଦୁଇ ଜଣଯାକ ସାଙ୍ଗ ରାମ ଜେଜେଙ୍କ ପାଖରେ ପହଞ୍ଚିବାର ଦେଖି ଜେଜେ କହିଲେ– ଆରେ ରାଜେଶ, ପଙ୍କଜ, ତୁମେ ଯାଉନ ଗୋଡ଼ ହାତ ଧୋଇ ଯାହା ପାଠ ଦିଆଯାଇଛି ପଢ଼ିବ। ପଙ୍କଜ କହିଲା– ଜେଜେ ଆମ ସ୍କୁଲରେ ଶିଶୁ ଦିବସ ପାଳନ ହେବ ବୋଲି ଆମକୁ ଏହି ଦିବସ ବିଷୟରେ କିଛି କହିବାକୁ ସାର୍ କହିଛନ୍ତି। ତମେ ଟିକିଏ ଆମକୁ ଶିଶୁ ଦିବସ ବିଷୟରେ କହିଲେ




ଆମେ ଜାଣିବୁ। ମନେ ରଖି ସ୍କୁଲରେ କହିବୁ। ଜେଜେ କହିଲେ– ଠିକ୍ ଅଛି। ଦି' ଜଣ ବସ ମୁଁ କହୁଛି। ଜେଜେ କହିଲେ– ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି। ସେ କହୁଥିଲେ, ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ ନିର୍ମାଣକର୍ତ୍ତା। ତାଙ୍କର ଯତ୍ନ ନେବା ଜରୁରୀ। ସେମାନେ ଭଲ ପାଠ ପଢ଼ି ଭଲ ମଣିଷ ହେଲେ ଦେଶ ସୁନାମ ଅର୍ଜିବ। ଆଜିର ଶିଶୁ କାଲିର ଭବିଷ୍ୟତ। ସେମାନେ ଦେଶର ପ୍ରକୃତ ସମ୍ପଦ। ସେମାନଙ୍କ ଲାଗି ଦେଶ ହସି ଉଠିବ। ସେଥିପାଇଁ ତାଙ୍କ ଜନ୍ମଦିନ ପ୍ରତିବର୍ଷ ନଭେମ୍ବର ୧୪ କୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି। ପଙ୍କଜ, ରାଜେଶ କହିଲେ– ଜେଜେ, ତମେ ଆମକୁ ଶିଶୁ ଦିବସ ସମ୍ପର୍କରେ ଯାହାସବୁ କହିଲ ଆମେ ଯାଇ ସରଳ ଭାଷାରେ ସାଙ୍ଗମାନଙ୍କୁ ଜଣାଇଦେବୁ।

– ପାଳପାଟଣା, ଶ୍ରୀରାମପୁର,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ପତ୍ରାପତ୍ର

➤ ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ଦୀପାବଳି ସମ୍ପର୍କିତ ଥିବାରୁ ବେଶ୍ ଭଲ ଲାଗିଲା।
– **ମହେଶ କୁମାର ଦାସ,** ରାଜକନିକା, କେନ୍ଦ୍ରାପଡା

➤ 'ଦୀପାବଳି କେଉଁଠି କେମିତି'ରୁ ବିଭିନ୍ନ ସ୍ଥାନରେ କେମିତି ଦୀପାବଳି ପାଳିତ ହୁଏ ଜାଣିବାକୁ ମିଳିଲା।
– **ସୌରଭ ମହାପାତ୍ର,**ଗୋହିରା, ଆନନ୍ଦପୁର, କେନ୍ଦୁଝର

➤ ତୁମ ତୂଳୀରୁ ପୃଷ୍ଠାରେ କୁନି କୁନି ପିଲାଙ୍କ ଦ୍ୱାରା ଅଙ୍କାଯାଇଥିବା ଦୀପାବଳି ସମ୍ପର୍କିତ ସମସ୍ତ ଚିତ୍ର ଖୁବ୍ ଭଲ ଲାଗିଲା।
– **ସୁଲେଖା ସ୍ୱାଇଁ,** ପାଣିକୋଇଲି, ଯାଜପୁର

➤ କହିଲ ଦେଖି ସ୍ତମ୍ଭଟି ବେଶ୍ ଉପଯୋଗୀ ହେଉଛି। କବିତା ପାଇଁ ଗୋଟିଏ ଏବଂ ଗଳ୍ପ ପାଇଁ ଅନ୍ୟ ଏକ ପୃଷ୍ଠା ଦେଲେ ଭଲ ହୁଅନ୍ତା।
– **ସୋନାଲିକା ଶତପଥୀ,** ଖଣ୍ଡଗିରି, ଭୁବନେଶ୍ୱର

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସ୍କୁଲ ସ୍କୁଲ

# ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ, ଗୋହିରା, ଆନନ୍ଦପୁର






ରମେଶ ମିଶ୍ର (ପ୍ରିନ୍ସିପଲ)

ସ୍ଥାପିତ–୨୦୦୩
ବିଦ୍ୟାର୍ଥୀଙ୍କ ସଂଖ୍ୟା–୬୪୦
ଶ୍ରେଣୀ–ନର୍ସରୀ ଠାରୁ ଷ୍ଟାଣ୍ଡାର୍ଡ଼– ୧୦
ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା–୩୫
ନନ୍ ଟିଚିଂ ଷ୍ଟାଫ୍ – ୩୩
ବିଦ୍ୟାଳୟର ପତ୍ରିକା – ପର୍କୀ ପେଟାଲ୍‌ସ
ହଷ୍ଟେଲ୍– ଛାତ୍ରୀଛାତ୍ରଙ୍କ ପାଇଁ ୪୦ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହଷ୍ଟେଲ୍।




ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।



ସାଇନ୍ସ ଲାବ୍‌ରେ ପ୍ରାକ୍ଟିକାଲରେ ବ୍ୟସ୍ତ ସ୍କୁଲର ଛାତ୍ରୀଛାତ୍ର।

ଆନନ୍ଦପୁର ଉପଖଣ୍ଡର ସିବିଏସ୍‌ଇ ଅନୁବନ୍ଧିତ ଘରୋଇ ବିଦ୍ୟାଳୟ ଭାବେ ଘସିପୁରା ବ୍ଲକ ଗୋହିରାସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ସ୍ଥାନ ସ୍ୱତନ୍ତ୍ର। ବିଦ୍ୟା ଅଧ୍ୟୟନଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ନିଜର ସୁରକ୍ଷିତ ଭବିଷ୍ୟତ ଗଢିବା ପାଇଁ ଏଠାରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥାଏ। ପ୍ରାଣବଲ୍ଲଭ ଚାରିଟେବଲ ଟ୍ରଷ୍ଟର ଏହା ଏକ ୟୁନିଟ୍ ଭାବେ କାର୍ଯ୍ୟ କରିଆସୁଛି। ୩୦ ହଜାର ବର୍ଗବିଶିଷ୍ଟ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୬୪୦ ହୋଇଥିବାବେଳେ ଏଠାରେ ନର୍ସରୀଠାରୁ ଷ୍ଟାଣ୍ଡାର୍ଡ ୧୦ ପର୍ଯ୍ୟନ୍ତ ପାଠପଢାର ସୁବିଧା ରହିଛି। ଦୂର ଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ରହିବା ପାଇଁ ୪୦ ଶଯ୍ୟାବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ସ୍କୁଲ ହଷ୍ଟେଲ୍‌ର ସୁବିଧା ରହିଛି। ପାଠପଢା ବ୍ୟତୀତ କ୍ରୀଡା, ଅନ୍ତର୍ନିହିତ ଗୁଣର ବିକାଶ ନିମନ୍ତେ ଏଠାରେ ଗୁରୁତ୍ୱାରୋପ କରାଯାଇଆସୁଛି। ସ୍କୁଲର ୧୫ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ସ୍ପୋର୍ଟ୍ସ ଅଫ ଦି ଇୟର୍–୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମବଙ୍ଗ, ଛତିଶଗଡ ଓ ଓଡିଶାରେ ସିବିଏସଇ ଅନୁବନ୍ଧିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଇଣ୍ଟର୍ ସ୍କୁଲ ପ୍ରତିଯୋଗିତା କରାଯାଇଥିଲା। ଏପରି କି ଅଣ୍ଡର ୧୭ ଓ ଅଣ୍ଡର ୧୯ ବାଳିକା ବାଳକ ବିଭାଗରେ ଖୋଖୋ ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିଲା। ଏଠାରେ ସ୍ୱତନ୍ତ୍ର ଲାଇବ୍ରେରୀର ସୁବିଧା ସହିତ କମ୍ପ୍ୟୁଟର ଲାବ, ବିଜ୍ଞାନ ଲାବ୍‌ର ବ୍ୟବସ୍ଥା ରହିଛି। ପ୍ରତିବର୍ଷ ଡିସେମ୍ବର ୧୪ରେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରାଣବଲ୍ଲଭ ମଲ୍ଲିକଙ୍କ ଜନ୍ମ ଦିନ ଅବସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର "ପର୍କୀ ପେଟାଲ୍‌ସ" ପ୍ରକାଶ ପାଇଥାଏ। ଏହି ବିଦ୍ୟାଳୟରେ ସରକାରଙ୍କ ଅନ୍ୱେଷା ଯୋଜନାରେ ଛାତ୍ରୀଛାତ୍ରଙ୍କ ପାଠପଢାର ବ୍ୟବସ୍ଥା ମଧ୍ୟ ରହିଛି। ମ୍ୟାନେଜିଂ ଟ୍ରଷ୍ଟି ଅଶୋକ ପୁହାଣ ଏବଂ ପରିଚାଳକ ଅଲେଖ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଦିଗରେ ଧ୍ୟାନ ଦିଆଯାଇଥାଏ। ବୃକ୍ଷରୋପଣ, ସମାଜସେବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଏଠାରେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦିଆଯାଇଥାଏ। ରାଜ୍ୟଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଛାତ୍ରୀଛାତ୍ରମାନେ ଅନେକ କୃତିତ୍ୱ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି।

**– ରିପୋର୍ଟ: ସନ୍ତୋଷ ରାଉତ**



ଲାଇବ୍ରେରୀରେ ପାଠପଢାରେ ବ୍ୟସ୍ତ ଛାତ୍ରୀଛାତ୍ର।



କମ୍ପ୍ୟୁଟର ଲାବ୍‌ରେ ଛାତ୍ରୀମାନେ।

## ସ୍କୁଲର ପ୍ରତିଭା

**ଶୁଭ୍ରଜିତ୍ ପଣ୍ଡା,**
କ୍ଲାସ–୯, ସବ୍‌ଡିଭିଜନ୍ ସ୍ତରୀୟ ସାଇନ୍ସ ଏକ୍‌ଜିବିଶନ୍‌ରେ ପ୍ରଥମ।



**ସୌମ୍ୟରଞ୍ଜନ ସାହୁ,**
କ୍ଲାସ– ୯, ସବ୍‌ଡିଭିଜନ୍ ସ୍ତରୀୟ ସାଇନ୍ସ ଏକ୍‌ଜିବିଶନ୍‌ରେ ପ୍ରଥମ।




**ସୌମ୍ୟଜିତ୍ ମିଶ୍ର,**
କ୍ଲାସ – ୩, ବ୍ଲକ୍‌ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ।



**ଅଭିଜିତ୍ ସାହୁ,**
କ୍ଲାସ–୫, ବ୍ଲକ୍‌ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ।






# ତୁମ ତୂଳୀରୁ



୧


୨


୩


୪


୫


୬


୭


୮


୯


୧୦


୧୧


୧ ଆଶୀର୍ବାଦ ରାଉଳ
କ୍ଲାସ-୮, ସେଣ୍ଟ ଜାଭିୟର ହାଇସ୍କୁଲ, କଟକ


୨ ଈପ୍ସିତା ଭଦ୍ର
କ୍ଲାସ-୭,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆରୁହା, ହରିଦାସପୁର, ଯାଜପୁର


୩ ଈପ୍ସିତା ମହାନ୍ତି
କ୍ଲାସ-୫, ଗୁରୁ ନାନକ ପବ୍ଲିକ୍ ସ୍କୁଲ, ବରେଇପାଲି,ସମ୍ବଲପୁର


୪ ଅୟସକାନ୍ତ ଦଳାଇ
କ୍ଲାସ - ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆଗଡ, ଜଗତ୍‌ସିଂହପୁର


୫ ଜ୍ୟୋତିର୍ମୟୀ ତ୍ରିପାଠୀ
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା, ପୁରୀ


୬ ଅନୀଷା ଦାସ
ନର୍ସରୀ,ଲିଟିଲ୍ ୱିଙ୍ଗ୍ସ ସ୍କୁଲ୍,ଜୟଦେବ ବିହାର,ଭୁବନେଶ୍ୱର


୭ ଜିତେଶୀ ଷଡ଼ଙ୍ଗୀ
କ୍ଲାସ-୨, ଓଡିଏମ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର



୮ ସୁହାନୀ ମିଶ୍ର
କ୍ଲାସ-୪, ଗୁରୁ ନାନକ ପବ୍ଲିକ୍ ସ୍କୁଲ, କଟକ


୯ ସୂର୍ଯ୍ୟ ଗୌଡ
କ୍ଲାସ-୧୦, ନରସିଂହଦାସ ହାଇସ୍କୁଲ, ପୁରୁଷୋତ୍ତମପୁର, ଗଞ୍ଜାମ


୧୦ ଆଦ୍ୟାଶା ପରିଡା
କ୍ଲାସ-୭,ବିଜେଇଏମ୍ ସ୍କୁଲ,ଭୁବନେଶ୍ୱର


୧୧ ବିଘ୍ନେଶ ପଟ୍ଟନାୟକ
କ୍ଲାସ-୬,ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍,ଭୁବନେଶ୍ୱର

## କବିତା




### ଚାଚା ନେହେରୁ


ନେହେରୁ ଆମର ଅତି ନିଜର
ପାଉଥିଲେ ଭଲ ଆମକୁ
ବୁଲଉଥିଲେ ଖେଳଉଥିଲେ
ଟେକି ନେଉଥିଲେ ବାହୁକୁ ।
ଗୋଲାପ ରଖି ଜାମାରେ ତାଙ୍କ
ସୂଚାଉଥିଲେ ସଭିଙ୍କୁ
ନରମ ହୁଅ ଶାନ୍ତ ହୁଅ
ଖୁସି ବାଣ୍ଟିଚାଲ ସଭିଙ୍କୁ ।
ବଡ଼ ହୋଇବ ପାଠ ପଢ଼ିବ
ରଖିବ ଦେଶର ନାଁ
ଆଗେଇ ଚାଲ ଆଗେଇ ଚାଲ
ପଛୁଆ ହୁଅ କିଆଁ।
ଚାଚା ନେହେରୁ ଜଗତ ଜିତା
ଥିଲେ ପ୍ରଧାନମନ୍ତ୍ରୀ
ଶିଶୁ ଦିବସ ତାଙ୍କ ଆଶିଷ
ଆଣିଥିଲେ ସେ ଶାନ୍ତି ।
ତାଙ୍କରି କଥା ପଡ଼ଇ ମନେ
ଶିଶୁ ଦିବସେ ଆଜି
ତାଙ୍କ ଜନମ ହୋଇଛି ଧନ୍ୟ
ପ୍ରଧାନମନ୍ତ୍ରୀ ସାଜି।

–ନବକୃଷ୍ଣ ସାହୁ
ବାଲକାଟି, ଆଳି, କେନ୍ଦ୍ରାପଡ଼ା

### ଶିଶୁ ରାଇଜ

ଶିଶୁ ରାଇଜର ଉଦ୍ୟାନ କୋଳେ
ଫୁଟି ପୁଷ୍ପ ସମ ମହୀମଣ୍ଡଳେ
ସେ ପୁଷ୍ପ ଭଳି ମାତୃଭୂମି ଗଳେ
ତବ ମୁଖ ହସହସ ।
ଭାରତ ଭୂଖଣ୍ଡେ ଭୂମିଷ୍ଠ ହୋଇ
ଶାନ୍ତିଦୂତ ଭାବେ ସରଗୁ ଧାଇଁ
ସ୍ୱାଧୀନତା ରଣେ ଶପଥ ନେଇ
ରଖିଲ ଅମର ଯଶ ।
ଧନ୍ୟ ଶିଶୁପ୍ରିୟ ନେତା ନେହେରୁ
ତୁମେ ଗଲା ଦିନୁ ଆମ ପାଖରୁ
ପାସୋରି ହେଉନି ମନ ପ୍ରାଣରୁ
ପୁଣ୍ୟାତ୍ମା ମହାପୁରୁଷ ।
ବିଳାସ, ବ୍ୟସନ କ୍ଷଣିକେ ଭୁଲି
ଧନୀ, ଜନ ଡାଆଁ ପକାଇ ବଳି
ଦେଶବାସୀ ସଙ୍ଗେ ବାନ୍ଧିଲ ମେଳି
ଧରି ସାଧାରଣ ବେଶ ।
ଇଂରେଜୀ ଶୋଷ ସହି ନ ପାରି
ଶାନ୍ତି ଓ ଅହିଂସା ପଥ ଆଦରି
ବରିଲ କଷଣ ନ ଡରି ହରି
ଭୋଗି ବନ୍ଦିଶାଳା କ୍ଲେଶ ।
ଶିଶୁ ଦିବସର ଶୁଭ ଲଗନେ
ତୁମ ସମ କାହିଁ ଦିଶୁନି ଜଣେ
ନଇଁପଡ଼େ ମଥା ତବ ଚରଣେ
ଝରିପଡୁ ଶୁଭାଶିଷ ।

– ବସନ୍ତ କୁମାର ଦାସ
ରମ୍ଭା,ବରି, ଯାଜପୁର


ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଶିଶୁ ଦିବସ ଅବସରରେ ୱାର୍ଲ୍ଡ ରେକର୍ଡ

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ଭାରତରେ ଶିଶୁ ଦିବସ ରୂପେ ପାଳନ କରାଯାଏ । ଏହି ଅବସରରେ ଗତ ବର୍ଷ ଦୁବାଇରେ ଥିବା ଅନ୍ତର୍ଜାତୀୟ ଭାରତୀୟ ସ୍କୁଲର ଛାତ୍ରୀଛାତ୍ରମାନେ ମିଳିତ ଭାବେ ବୋଟ୍ ଆକୃତିରେ ପୋଜ୍ ଦେଇ ସ୍ଥାନ ପାଇଛନ୍ତି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ । ସ୍କୁଲରେ ଅଧ୍ୟୟନ କରୁଥିବା କ୍ଲାସ ୧ରୁ ୮ ଶ୍ରେଣୀର ମୋଟ ୪୮୮୨ ଜଣ ଛାତ୍ରୀଛାତ୍ର ୟୁଏଇର ଜାତୀୟ ପତାକାରେ ଥିବା ସବୁଜ, ନାଲି, ଧଳା ଏବଂ କଳା ରଙ୍ଗର ପୋଷାକ ପରିଧାନ କରିଥିଲେ । ଶାରଜାର ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଏହି ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ଏକ ବିଶାଳ ବୋଟ୍ ଆକୃତିରେ ସଜେଇ ହୋଇଥିଲେ, ଯାହା ମନୁଷ୍ୟଙ୍କ ଦ୍ୱାରା ଗଠିତ ସର୍ବବୃହତ୍ ବୋଟର ମାନ୍ୟତା ପାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଥିଲା ।

## ଏଥରର ପ୍ରଶ୍ନ ?

- ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ଥିଲେ ?
- ଜବାହରଲାଲ ନେହେରୁ କେବେ ଏବଂ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
- ଜବାହରଲାଲ ନେହେରୁ ସର୍ବଦା କେଉଁ ଫୁଲ ନିଜ କୋଟ୍‌ରେ ଲଗାଉଥିଲେ ?
- ଅନ୍ତର୍ଜାତୀୟ ଶିଶୁ ଦିବସ କେବେ ପାଳନ କରାଯାଏ ?
- ଜବାହରଲାଲ ନେହେରୁଙ୍କ ଆତ୍ମଜୀବନୀର ନାଁ କ'ଣ ?

## ରଙ୍ଗ ଦିଅ



# ଶିଶୁଦିବସ କେଉଁଠି କେବେ

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ଅବସରରେ ସମଗ୍ର ଭାରତ ବର୍ଷରେ ନଭେମ୍ବର ୧୪ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଏ। ପଣ୍ଡିତ ନେହେରୁଙ୍କର ଛୋଟ ପିଲାଙ୍କ ପ୍ରତି ଅହେତୁକ ଭଲପାଇବା ଥିଲା। ତେଣୁ ପିଲାମାନେ ତାଙ୍କୁ ସ୍ନେହରେ ଚାଚା ନେହେରୁ ବୋଲି ସମ୍ବୋଧନ କରୁଥିଲେ। ତାଙ୍କ ସମ୍ମାନାର୍ଥେ ପ୍ରତି ବର୍ଷ ନଭେମ୍ବର ୧୪କୁ ଶିଶୁଦିବସ ରୂପେ ପାଳନ କରାଯାଉଛି। ଅପରପକ୍ଷେ ୟୁଏନ୍ ଆସେମ୍ବ୍ଲି ଦ୍ୱାରା ପ୍ରତିବର୍ଷ ନଭେମ୍ବର ୨୦ ତାରିଖକୁ ୟୁନିଭର୍ସାଲ ଚିଲ୍‌ଡ୍ରେନ୍ସ ଡେ' ଭାବେ ପାଳନ କରାଯାଉଛି । ତେବେ ବିଶ୍ୱର ବିଭିନ୍ନ ଦେଶରେ ଶିଶୁ ଦିବସକୁ କେବେ ଏବଂ କେଉଁ ନାମରେ ପାଳନ କରାଯାଏ ସେ ସମ୍ପର୍କରେ...



- ଜର୍ମାନୀରେ ୧୯୫୦ ମସିହାରୁ ସେପ୍ଟେମ୍ବର ୨୦ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି। ଏଠାରେ ଏହି ଦିବସକୁ 'କିଣ୍ଡରଟାଗ' ବୋଲି କୁହାଯାଏ।
- ମେକ୍ସିକୋରେ ୧୯୨୫ ମସିହାରୁ ଏପ୍ରିଲ ୩୦ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି। ଏଠାରେ ଏହି ଦିବସକୁ 'ଦିଆ ଦେଲ ନିନୋ' ବୋଲି କୁହାଯାଏ।
- ଜାପାନରେ ମେ ୫ ତାରିଖରେ ଏହି ଦିବସକୁ 'କୋଦୋମୋ ନୋ ହି' ରୂପେ ପାଳନ କରାଯାଏ।
- ଚାଇନାରେ ଜୁନ ୧ ତାରିଖକୁ ଶିଶୁ ଦିବସ ଭାବେ ପାଳନ କରାଯାଏ।
- ନ୍ୟୁଜିଲାଣ୍ଡରେ ପ୍ରତିବର୍ଷ ମାର୍ଚ୍ଚ ମାସର ପ୍ରଥମ ରବିବାରକୁ ଶିଶୁ ଦିବସ ରୂପେ ପାଳନ କରାଯାଏ।
- ନାଇଜେରିଆରେ ୧୯୬୪ ମସିହାରୁ ମେ ମାସ ୨୭ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଇଆସୁଛି।
- ଥାଇଲାଣ୍ଡରେ ୧୯୫୫ ମସିହାରୁ ଜାନୁୟାରୀ ମାସର ଦ୍ୱିତୀୟ ଶନିବାରକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି। ଏଠାରେ ଏହି ଦିବସକୁ 'ୱାନ ଡେକ୍' ବୋଲି କୁହାଯାଏ।
- କାନାଡାରେ ଏହି ଦିବସକୁ ନଭେମ୍ବର ୨୦ ତାରିଖରେ ପାଳନ କରାଯାଏ।
- ଅଷ୍ଟ୍ରେଲିଆରେ ୧୯୫୪ ମସିହାରୁ ଅକ୍ଟୋବର ମାସର ଚତୁର୍ଥ ସପ୍ତାହକୁ ଶିଶୁ ସପ୍ତାହ ଭାବେ ପାଳନ କରାଯାଇ ଆସୁଛି।

## ଆର ଥରର ଉତ୍ତର

* କାର୍ତ୍ତିକ
* ଆଲୋକର ପର୍ବ
* ରାମ ଏବଂ ସୀତା ୧୪ ବର୍ଷ ବନବାସ ସାରି ଅଯୋଧ୍ୟା ଫେରିବାର
* ମା' ଲକ୍ଷ୍ମୀ
* ନାରକାସୁର

# କମ୍ ବୟସରେ ବଡ଼ ସଫଳତା

ବୟସ କମ୍ ହେଲେ ମଧ ଅଦମ୍ୟ ଚେଷ୍ଟା ଏବଂ କିଛି କରି ଦେଖାଇବାର ଇଚ୍ଛା ସେମାନଙ୍କୁ ପରିଚୟ ଦେଇଛି କୋଟିଏ ଭିତରେ ଗୋଟିଏ ହେବାର। ବୟସ ମଧ୍ୟ ହାର ମାନିଛି ସେମାନଙ୍କର ଏହି ଦୃଢ଼ ଆତ୍ମବିଶ୍ୱାସ ଆଗରେ। ପାଠପଢ଼ା ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟକଳାପରେ ରୁଚି ରଖି ସଫଳତା ଲାଭ କରିଥିବା କିଛି କୁନି ପ୍ରତିଭାଙ୍କ ସମ୍ପର୍କରେ ଉପସ୍ଥାପନା।



## ଉଦୀୟମାନ ପ୍ରତିଭା ▲ ଆଫ୍ରା

ଛ' ବର୍ଷ ବୟସ୍କା ସାଇଦା ଆଫ୍ରା। ଅନେକ ପ୍ରତିଭାର ଅଧିକାରିଣୀ। କୁନି ମଡେଲ ଭାବେ ବେଶ୍ ପରିଚୟ ଲାଭ କରିବା ସହ ସେ ମଡର୍ନ ଡ୍ୟାନ୍ସ ନିପୁଣା। ଚଳିତବର୍ଷ ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଲିଟିଲ ମିସ୍ ଆଣ୍ଡ ମାଷ୍ଟର ଓଡ଼ିଶା (ଇଣ୍ଟରନ୍ୟାଶନାଲ) ୨୦୧୮'ର ସେ ଟାଇଟଲ ବିଜୟିନୀ ହୋଇଥିଲେ। କେବଳ ସେତିକି ନୁହେଁ, ଏହି ଟାଇଟଲ ଜିତିବା ପରେ ସେ ଜର୍ଜିଆଠାରେ ଅନୁଷ୍ଠିତ ହୋଇଥିବା 'ଟପ୍ ଚାଇଲ୍ଡ ମଡେଲ ଅଫ୍ ଦି ପ୍ଲାନେଟ୍' ଇଭେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ। ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାର ଲକ୍ଷ୍ୟ ରଖିଛନ୍ତି ଏହି କୁନି ପ୍ରତିଭା।



## ନୃତ୍ୟ ପ୍ରତିଭା ଶ୍ରୀନିକା ▲

ବୟସ ମାତ୍ର ୬ ବର୍ଷ, କିନ୍ତୁ ଏହି କୁନି ବୟସରେ ସେ ଯେତେବେଳେ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରନ୍ତି, ଉପସ୍ଥିତ ଦର୍ଶକ ହୋଇଯା'ନ୍ତି ମନ୍ତ୍ରମୁଗ୍ଧ। କୌଣସି ଅଭିଜ୍ଞ ନୃତ୍ୟଶିଳ୍ପୀ ଭଳି ଥାଏ ତାଙ୍କ ଭାବଭଙ୍ଗୀ ଏବଂ ନୃତ୍ୟ କରିବା ଶୈଳୀ। ଏହି ନୃତ୍ୟ ପ୍ରତିଭା ଯୋଗୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଏବଂ ସମ୍ମାନ। ୨ ବର୍ଷ ବୟସରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିବା ଶ୍ରୀନିକା ୪ ବର୍ଷ ବୟସରେ 'ଓଡ଼ିଶୀ ପ୍ରତିଭା ସମ୍ମାନ' ଲାଭ କରିବା ସହ ୨୦୧୫ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ଓପନିଂ ପରଫର୍ମର ହେବାର ଯୋଗ୍ୟତା ମଧ୍ୟ ଲାଭ କରିଥିଲେ। କେବଳ ସେତିକି ନୁହେଁ, ତାଙ୍କୁ 'ଓଡ଼ିଶୀ ୱଣ୍ଡର କିଡ୍' ର ଆଖ୍ୟା ମଧ୍ୟ ମିଳିଛି।

## ଗୁଗୁଲ୍ ଗର୍ଲ ମେଘାଲି ମାଳବିକା ସ୍ୱାଇଁ

୧୨ ବର୍ଷ ବୟସ୍କା ମେଘାଲି ମାଳବିକା ସ୍ୱାଇଁ। ପ୍ରଖର ସ୍ମରଣ ଶକ୍ତି ଲାଗି ସେ ସ୍ଥାନ ପାଇଛନ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ। ପୃଥିବୀ ମାନଚିତ୍ରର ସମସ୍ତ ତଥ୍ୟ ରହିଛି ତାଙ୍କ ଜିଭ ଅଗରେ। ଦେଶର ଅବସ୍ଥିତି ହେଉ ବା ନଦୀର ନାମ ବା ରାଜ୍ୟର ରାଜଧାନୀ, ସବୁ କିଛିର ସଠିକ ତଥ୍ୟ ଦେଇପାରନ୍ତି ମେଘାଲି। ମାତ୍ର ୯ ମିନିଟ ୪ ସେକେଣ୍ଡରେ ପୃଥିବୀର ୧୦୦୦ଟି ସହରର ନାମକୁ ଚଟାପଟ କହି ରେକର୍ଡ ସୃଷ୍ଟି କରିପାରିଛନ୍ତି। ଏହି ପ୍ରତିଭା ଲାଗି ତାଙ୍କୁ ଗୁଗୁଲ ଗର୍ଲର ମାନ୍ୟତା ମଧ୍ୟ ମିଳିଛି।






## ଅଭିନୟର ଆଗାମୀ ଆଶା ଲୋହିତାକ୍ଷ ▶

ଶିଶୁ କଳାକାର ଭାବରେ ସେ ସାଉଁଟିଛନ୍ତି ଅନେକ ସଫଳତା। ତାଙ୍କ ଅଭିନୟର ଯାଦୁ କେବଳ ଓଡ଼ିଆ ନୁହେଁ, ଜାତୀୟ ଟେଲିଭିଜନ ପରଦାରେ ମଧ୍ୟ ଦେଖିବାକୁ ମିଳିଛି। ୧୩ ବର୍ଷ ବୟସ୍କ ଲୋହିତାକ୍ଷ ସିଆଇଡି, ବେଇନ୍ତହାଁ, କ୍ରାଇମ ପେଟ୍ରୋଲ ଭଳି ଲୋକପ୍ରିୟ ଧାରାବାହିକ ତଥା ହିନ୍ଦୀ ଚଳଚ୍ଚିତ୍ର 'ବଚ୍ଚେ, କଚ୍ଚେ, ସଚ୍ଚେ'ରେ ନିଜ ଅଭିନୟ ପ୍ରତିଭା ଦେଖାଇ ସାରିଛନ୍ତି। ଉଚ୍ଚକୋଟୀର ଅଭିନୟ ଲାଗି ସେ ବହୁବାର ବେଷ୍ଟ ଚାଇଲ୍ଡ ଆର୍ଟିଷ୍ଟ ଆୱାର୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ସ୍ୱରର ସରତାଜ ସତ୍ୟଜିତ୍ ▼

ତାଙ୍କ ସ୍ୱରରେ ଅଛି ଲାଳିତ୍ୟ, ସେ କେବଳ ବୁଝନ୍ତି ସଙ୍ଗୀତର ଭାଷା। ବୟସ ମାତ୍ର ୧୩ ବର୍ଷ, କିନ୍ତୁ ନିଜ ସ୍ୱରରେ ବାନ୍ଧି ରଖନ୍ତି ଶ୍ରୋତାଙ୍କୁ। ସତ୍ୟଜିତ୍ ଜେନା, ସାରେଗାମା ଲିଟିଲ ଚାମ୍ପ ମଞ୍ଚର ଏକ ପରିଚିତ ନାଁ। କେନ୍ଦୁଝରରୁ ମାୟାନଗରୀ ମୁମ୍ବାଇଯାଏଁ ସଙ୍ଗୀତର ଯାତ୍ରା ତାଙ୍କ ପାଇଁ ଆଣିଦେଇଛି ଅନେକ ସଫଳତା। ଏହି କୁନି ବୟସରେ ସେ ଯେତେବେଳେ ମଞ୍ଚରେ ମାଇକ୍ ଧରି ଗୀତ ଗାଆନ୍ତି, ଦର୍ଶକଙ୍କୁ ହଜାଇଦିଅନ୍ତି ନିଜ ସ୍ୱର, ଲୟ ଆଉ ତାଳରେ। ସାରେଗାମା ଲିଟିଲ ଚାମ୍ପ୍‌ରେ ଶ୍ରେଷ୍ଠ ୧୫ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇବାର ସୌଭାଗ୍ୟ ପାଇଥିବା ଏହି ଗାୟକ ଓଡିଆ ଫିଲ୍ମରେ ପ୍ରଚ୍ଛଦପଟ ଗାୟକ ହେବାର ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି।



## ଡ୍ୟାନ୍ସିଂ କୁଇନ୍ ▶ ନୟନିକା

ଜାତୀୟ ଟେଲିଭିଜନ ରିୟାଲିଟି ଶୋ'ରେ ନିଜ ଡ୍ୟାନ୍ସର କରିସ୍ମା ଦେଖାଇ ବେଶ୍ ପ୍ରଶଂସା ସାଉଁଟିଛନ୍ତି ଝାରସୁଗୁଡାର ନୟନିକା ଅନ୍‌ସୁରା। ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ସିଜନ୍-୬ରେ ଡ୍ୟାନ୍ସର ବିଭିନ୍ନ ଫର୍ମ ଯଥା କଣ୍ଟେମ୍ପରାରି, ଜାଜ୍, ବେଲେ, ଫ୍ରି ଷ୍ଟାଇଲ ଆଦି ଡ୍ୟାନ୍ସ ଦ୍ୱାରା ଶୋ'ର ଜଜ୍ ତଥା ଦର୍ଶକଙ୍କୁ ଇମ୍ପ୍ରେସ କରି ସେ ଫାଇନାଲିଷ୍ଟ ହେବାର ଯୋଗ୍ୟତା ହାସଲ କରିପାରିଥିଲେ। ମାତ୍ର ୫ ବର୍ଷ ବୟସରୁ ନୃତ୍ୟ ଆରମ୍ଭ କରିଥିବା ନୟନିକା ରାଇଗଡ ଡ୍ୟାନ୍ସିଂ ସୁପରଷ୍ଟାର୨୦୧୫, ଡ୍ୟାନ୍ସ ଛତିଶଗଡ ଡ୍ୟାନ୍ସ ୨୦୧୬ ଆଦି ଟାଇଟଲ ବିଜୟିନୀ ମଧ୍ୟ ହୋଇଛନ୍ତି।



–ଲିପ୍‌ସା ବିଶୋଇ

# ଆଇନା



ସଦୀକ୍ଷା ୪



ପ୍ରାଚୀ ୭



ପାକ୍ଷୀ ୭